# NATIONAL NEWS BULLETIN (ODIA)
## 12 June - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ

– ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଶୋକପ୍ରକାଶ

– ଜାରି ରହିଛି ରିଲିଫ୍ ଉଦ୍ଧାର କାର୍ଯ୍ୟ

– ରେଳବାଇ ପକ୍ଷରୁ ଅହମ୍ମଦାବାଦରୁ ଚଳାଚଳ କରିବ ସ୍ୱତନ୍ତ୍ର ଟ୍ରେନ୍

– ଗୁଜୁରାଟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଲା ଡି.ଏନ୍.ଏ ପରୀକ୍ଷା ବ୍ୟବସ୍ଥା

- ଆଜି ଶେଷ ହେଉଛି ବିକଶିତ କୃଷି ସଂକଳ୍ପ ଅଭିଯାନ

- ଇରାନ ଆକ୍ରମଣର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଲା ଇସ୍ରାଏଲ

ଏବଂ

- ଆଇସିସି କ୍ରିକେଟ ବିଶ୍ୱ ଟେଷ୍ଟ ଚମ୍ପିଆନସିପ ଫାଇନାଲରେ ଅଷ୍ଟ୍ରେଲିଆ’ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଇନିଂସରେ ୭୪ ରନ୍‌ରେ ଅଗ୍ରଣୀ

## ଗୁଜୁରାଟ ପ୍ଲେନ୍ କ୍ରାସ୍

ଗୁଜୁରାଟର ଅହମ୍ମଦାବାଦ ବିମାନ ବନ୍ଦର ନିକଟସ୍ଥ ମେଘାନୀନଗର ଅଞ୍ଚଳରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେହି ବିମାନରେ ୨୪୨ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଯାତ୍ରୀମାନଙ୍କ ମଧ୍ୟରୁ ୧୬୯ ଜଣ ଭାରତୀୟ ନାଗରିକ, ୫୩ ଜଣ ବ୍ରିଟିଶ, ୭ ଜଣ ପର୍ତ୍ତୁଗୀଜ ଏବଂ ଜଣେ କାନାଡ଼ା ନାଗରିକ ରହିଛନ୍ତି। ଏୟାର ଇଣ୍ଡିଆର ଏ.ଆଇ-୧୭୧ ବିମାନ ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିଲା। ଦୁର୍ଘଟଣାପରେ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଯ୍ୟକ୍ଷମ ନିୟନ୍ତ୍ରଣ କକ୍ଷ ସକ୍ରିୟ କରାଯାଇଛି। ଏହି ନିୟନ୍ତ୍ରଣ କକ୍ଷର ଯୋଗାଯୋଗ ନମ୍ବର ହେଉଛି ୦୧୧-୨୪୬୨୦୮୪୩ ଏବଂ ୯୬୫୦-୩୯୧-୮୫୯। ମନ୍ତ୍ରଣାଳୟ କହିଛି, ସମସ୍ତ ପ୍ରଭାବିତଙ୍କୁ ସହାୟତା ଯୋଗାଇ ଦେବା ପାଇଁ ମନ୍ତ୍ରଣାଳୟ ପ୍ରତିଶ୍ରୁତିବଦ୍ଧ। ଯାତ୍ରୀମାନଙ୍କ ସହାୟତା ପାଇଁ ଅହମ୍ମଦାବାଦ ବିମାନ ବନ୍ଦରରେ ମଧ୍ୟ ଏକ ହେଲପ୍‌ଲାଇନ୍ ନମ୍ବର ସ୍ଥାପନ କରାଯାଇଛି। ସେହି

ନମ୍ବର ହେଉଛି +୯୧- ୯୯୭୪୧୧୧୩୨୭। ଅଧିକ ସୂଚନା ପାଇଁ ଏୟାର ଇଣ୍ଡିଆ ପକ୍ଷରୁ ଆଉ ଏକ ହଟଲାଇନ୍ ନମ୍ବର ୧୮୦୦-୫୬୯୧-୪୪୪ଜାରି କରାଯାଇଛି।

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ମହାନିର୍ଦ୍ଦେଶକଙ୍କ ସମେତ ଏକ ଦଳ ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରୁଛନ୍ତି। ଦୁର୍ଘଟଣାର ସୂଚନା ମିଳିବା ପରେ ଦୁର୍ଘଟଣାସ୍ଥଳକୁ ଅଗ୍ନିଶମ ଏବଂ ପୁଲିସ ବାହିନୀକୁ ଘଟଣାସ୍ଥଳକୁ ପଠାଯାଇଛି। ତିନୋଟି ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀର ୯୦ ଜଣ କର୍ମଚାରୀଙ୍କୁ ମଧ୍ୟ ଗାନ୍ଧୀନଗରରୁ ଦୁର୍ଘଟଣାସ୍ଥଳକୁ ପଠାଯାଇଛି। ଭଦୋଦରାରୁ ଆଉ ତିନୋଟି ଏନ୍.ଡି.ଆର୍.ଏଫ୍ ଦଳକୁ ମଧ୍ୟ ସେଠାକୁ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କୁ ଅହମ୍ମଦାବାଦର ସିଭିଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ସହଜ କରିବା ପାଇଁ ଦୁର୍ଘଟଣାସ୍ଥଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଛି।

ଅହମ୍ମଦାବାଦରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଏହା ଏକ ହୃଦୟ ବିଦାରକ ବିପର୍ଯ୍ୟୟ। ତାଙ୍କର ଚିନ୍ତାଧାରା ଏବଂ ପ୍ରାର୍ଥନା ପ୍ରଭାବିତ ଲୋକଙ୍କ ସହ ରହିଛି।

ରାଷ୍ଟ୍ରପତି କହିଛନ୍ତି, ଏହି ଅବର୍ଣ୍ଣନୀୟ ଦୁଃଖ ମୁହୂର୍ତ୍ତରେ ଦେଶ ପୀଡ଼ିତମାନଙ୍କ ସହିତ ଛିଡ଼ା ହୋଇଛି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ବିମାନ ଦୁର୍ଘଟଣାରେ ଶୋକ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏହି ଦୁଃଖର ମୁହୂର୍ତ୍ତରେ ଦେଶ ପ୍ରଭାବିତ ଲୋକଙ୍କ ସହ ଐକ୍ୟବଦ୍ଧ ହୋଇ ଛିଡ଼ା ହୋଇଛି । ଉପରାଷ୍ଟ୍ରପତି  ପ୍ରଭାବିତମାନଙ୍କ ପାଇଁ ପ୍ରାର୍ଥନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିମାନ ଦୁର୍ଘଟଣାକୁ ହୃଦୟ ବିଦାରକ ବୋଲି କହିବା ସହ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାବା ପାଇଁ କାର୍ଯ୍ୟ କରୁଥିବା ମନ୍ତ୍ରୀ ଏବଂ କର୍ତ୍ତୃପକ୍ଷଙ୍କ ସହ ସେ ଯୋଗାଯୋଗରେ ଅଛନ୍ତି ବୋଲି କହିଛନ୍ତି। ଏହି ଦୁଃଖଦ ସମୟରେ ପ୍ରଭାବିତ ସମସ୍ତଙ୍କ ପ୍ରତି ତାଙ୍କର ସମବେଦନା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ବିମାନ ଦୁର୍ଘଟଣା ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ଅହମ୍ମଦାବାଦ ଯିବା ପାଇଁ କହିଛନ୍ତି। ବିମାନ ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବା ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି, ତାଙ୍କ ମନ୍ତ୍ରଣାଳୟ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ସମସ୍ତ ବିମାନ

ଚଳାଚଳ ଏବଂ ଜରୁରୀକାଳୀନ ସହାୟତା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ତୁରନ୍ତ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଘଟଣା ବିଷୟରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଗୃହ ମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି । ଗୁଜୁରାଟ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆହତମାନଙ୍କୁ ଡାକ୍ତରଖାନାକୁ ପରିବହନ ପାଇଁ ଏକ ଗ୍ରୀନ କରିଡ଼ରର ବ୍ୟବସ୍ଥା କରିବା ଏବଂ ପ୍ରାଥମିକତା ଭିତ୍ତିରେ ସମସ୍ତ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଗୁଜୁରାଟ ସ୍ୱାସ୍ଥ୍ୟମନ୍ତ୍ରୀ ରିଶିକେଶ ପଟେଲଙ୍କ ସହ ପ୍ରଭାବିତଙ୍କୁ ଚିକିତ୍ସା ସହାୟତା ଓ ରିଲିଫ୍ କାର୍ଯ୍ୟ ବିଷୟରେ ପଚାରି ବୁଝିଛନ୍ତି ।

ଅହମ୍ମଦାବାଦର ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଶୋକପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଏହି ଦୁଃଖଦ ସମୟରେ ବିମାନର ସମସ୍ତ ଯାତ୍ରୀ, କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଭାବିତମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

## ୟୁକେ ପିଏମ୍ ପ୍ଲେନ୍ କ୍ରାସ

ଅହମ୍ମଦାବାଦରେ ଏୟାର ଇଣ୍ଡିଆନ ବିମାନ ଦୁର୍ଘଟଣାରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର୍ ଷ୍ଟାରମର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଷ୍ଟାରମର୍ କହିଛନ୍ତି, ଅନେକ ବ୍ରିଟିଶ ନାଗରିକଙ୍କୁ ନେଇ ଯାଉଥିବା ଏକ ବିମାନ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ ସେ କହିଛନ୍ତି, ଏହି ଦୁଃଖଦ ସମୟରେ ଯାତ୍ରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କ ସହିତ ତାଙ୍କର ସମବେଦନା ରହିଛି।

## ପ୍ଲେନ୍ କ୍ରାସ- ସ୍ପେଶିଆଲ ଟ୍ରେନ୍

ଗୁଜୁରାଟରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଭାରତୀୟ ରେଳବାଇ ପକ୍ଷରୁ ଅହମ୍ମଦାବାଦରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଗୋଟିଏ ଟ୍ରେନ୍ ଅହମ୍ମଦାବାଦରୁ ମୁମ୍ବାଇ ଏବଂ ଆଉ ଏକ ଅହମ୍ମଦାବାଦରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଯାତ୍ରା କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି।

## ୟୁକେ ହେଲପ୍ଲାଇନ ନମ୍ବର

ଅହମ୍ମାଦବାଦ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବ୍ରିଟିଶ ହାଇକମିଶନର ଏକ ହେଲପ୍ଲାଇନ୍ ନମ୍ବର ଜାରି କରିଛନ୍ତି। ଦୂତାବାସ ପକ୍ଷରୁ ସହାୟତା ଆବଶ୍ୟକ କରୁଥିବା ବ୍ରିଟିଶ ନାଗରିକମାନଙ୍କୁ ସହାୟତା

ପ୍ରଦାନ କରିବା ଲକ୍ଷ୍ୟରେ ୪୪-୨୦-୭୦୦୮-୫୦୦୦ ନମ୍ବର ଜାରି କରାଯାଇଛି।

# ପ୍ଲେନ କ୍ରାସ- ଡିଏନ୍ଏ

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରିପ୍ରେକ୍ଷୀରେ ଗୁଜୁରାଟ ସରକାର ଅହମ୍ମଦାବାଦର ବି.ଜେ. ମେଡିକାଲ କଲେଜରେ ଡି.ଏନ୍.ଏ. ପରୀକ୍ଷା ବ୍ୟବସ୍ଥା କରିଛନ୍ତି। ବିମାନ ଯାତ୍ରୀଙ୍କ ପରିବାର ନିକଟତମ ବ୍ୟକ୍ତି, ବିଶେଷକରି ସେମାନଙ୍କ ପିତାମାତା ଏବଂ ପିଲାମାନଙ୍କୁ ଶୀଘ୍ର ଚିହ୍ନଟ କରିବା ପାଇଁ ସେମାନଙ୍କ ନମୁନା ସେହି ସ୍ଥାନରେ ଦାଖଲ କରିବାକୁ କୁହାଯାଇଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ

ଦେଶବ୍ୟାପୀ ଚାଲିଥିବା ବିଶାଳ ପ୍ରାକ୍ ଖରିଫ ଅଭିଯାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆଜି ଶେଷ ହେଉଛି। ଏହି ଅଭିଯାନ କୃଷି ବୈଜ୍ଞାନିକମାନଙ୍କୁ ଚାଷୀମାନଙ୍କ ପାଖରେ ପହଁଞ୍ଚାଇ ପାରିଛି। ଚାଷୀମାନଙ୍କୁ କୃଷି କାର୍ଯ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ସୂଚନା ପାଇବା ପାଇଁ ବୈଜ୍ଞାନିକମାନଙ୍କ ସହ ଭାବବିନିମୟ କରିବାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ବେଶ୍ ସହାୟକ ହୋଇପାରିଛି।

## ଏମ୍ଇଏ ବ୍ରିଫିଂ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଜି-୭ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତ ଦ୍ୱିପାକ୍ଷିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ କରିବାର ସୁଯୋଗ ପ୍ରଦାନ କରିବ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କୁ ଗତ ସପ୍ତାହରେ କାନାଡ଼ା ପ୍ରଧାନମନ୍ତ୍ରୀଙ୍କଠାରୁ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ନିମନ୍ତ୍ରଣ ଆସିଥିଲା। ସେ କହିଛନ୍ତି, ଭାରତ ଏବଂ କାନାଡ଼ା ସାଧାରଣ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଆଇନର ଶାସନ ପ୍ରତି ପ୍ରତିବଦ୍ଧ ଅଟନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଉଭୟ ଦେଶର ଆଇନ ପ୍ରବର୍ତ୍ତନ ସଂସ୍ଥା ମଧ୍ୟରେ ପାରସ୍ପରିକ ସୁରକ୍ଷା ସଂକ୍ରାନ୍ତ ଆଲୋଚନା ହୋଇଛି। ଆଗକୁ ଉଭୟ ଦେଶ ମଧ୍ୟରେ ଏହି ସମ୍ପର୍କ ଜାରି ରହିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି।

## ଜୟଶଙ୍କର ମାକ୍ରନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କୁ ଭେଟିଛନ୍ତି। ଆତଙ୍କବାଦ ବିରୋଧୀ

ଲଢ଼େଇରେ ଫ୍ରାନ୍ସର ସମର୍ଥନ ପାଇଁ ଡକ୍ଟର ଜୟଶଙ୍କର ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ମନ୍ତ୍ରୀ କହିଛନ୍ତି, ସେମାନଙ୍କର ଆଲୋଚନା ଭାରତ ଓ ଫ୍ରାନ୍ସ ରଣନୈତିକ ସହଭାଗିତାର ବିଶ୍ୱାସ ଏବଂ ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରେ।

# ରାଜନାଥ- ଏନ୍‌ସିସି

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ଏଭରେଷ୍ଟ ଶିଖର ଆରୋହଣ କରିଥିବା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏଭରେଷ୍ଟ ଶିଖରକୁ କ୍ୟାଡେଟ୍‌ମାନଙ୍କୁ ପଠାଇବାର ନିଷ୍ପତ୍ତି ନେବା ପାଇଁ ଏନ୍‌ସିସି ପ୍ରଶଂସାର ପାତ୍ର। ଏହା କ୍ୟାଡେଟମାନଙ୍କର ଶୃଙ୍ଖଳା ଏବଂ ଧୈର୍ଯ୍ୟର ପରୀକ୍ଷା ଥିଲା। କଠିନ ପରିସ୍ଥିତିରେ ଆହତ ନ ହୋଇ ଏହି ସଫଳତା ହାସଲ କରିଥିବା କ୍ୟାଡେଟ୍‌ମାନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେ କ୍ୟାଡେଟ୍ ଏବଂ ସେମାନଙ୍କ ପରିବାରକୁ ଅଭିନନ୍ଦନ ଜଣାଇବା ସହ ଏନ୍.ସି.ସି. ସଫଳତାର ସହ ଏହାର କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଜାତୀୟତା ଭାବନା ସୃଷ୍ଟି କରିପାରିଛି ବୋଲି କହିଛନ୍ତି। ଗତ ମାସ ୧୮ ତାରିଖରେ ଏନ୍‌ସିସି'ର ଏକ ଦଶଜଣିଆ ପର୍ବତାରୋହୀ ଦଳ ଏଭରେଷ୍ଟ ଆରୋହଣ କରିଥିଲେ। ହାରାହାରି ୧୯ ବର୍ଷ ବୟସର ଏହି ଦଳରେ ୫ ଜଣ ଝିଅ ଏବଂ ୫ ଜଣ ପୁଅ ସାମିଲ ଥିଲେ।

## ଇସ୍ରାଏଲ-ଇରାନ୍

ଇସ୍ରାଏଲ ଉପରେ ଇରାନ୍ କୌଣସି ଆକ୍ରମଣ କଲେ ତାର ଜବାବ ଦେବାକୁ ଇସ୍ରାଏଲ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହା ପୂର୍ବରୁ ଇସ୍ରାଏଲ' ଆମେରିକାକୁ ତାର ନୀତି ବିଷୟରେ ଅବଗତ କରାଇସାରିଛି। ଇରାନ କହିଛି, କୌଣସି ଉତ୍ତେଜନା ସୃଷ୍ଟି ହେଲେ ସେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିବାକୁ ପଛଘୁଞ୍ଚା ଦେବ ନାହିଁ। ଇତିମଧ୍ୟରେ ଇରାକ୍‌ସ୍ଥିତ ଆମେରିକୀୟ ଲକ୍ଷ୍ୟସ୍ଥଳ ଉପରେ ତେହରାନ୍‌ର ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରି ଆମେରିକା ତା'ର ନାଗରିକମାନଙ୍କୁ ସେହି ଅଞ୍ଚଳ ଛାଡ଼ିବାକୁ ପରାମର୍ଶ ଦେଇଛି। ଏକ ରିପୋର୍ଟ ଅନୁସାରେ ସମ୍ଭାବ୍ୟ ଇସ୍ରାଏଲୀ ଆକ୍ରମଣର ଜବାବ ଦେବା ପାଇଁ ଇରାନ୍‌ର ସାମରିକ ଏବଂ ସରକାରୀ ନେତାମାନେ ଏକ ବୈଠକ କରିଛନ୍ତି।

## ଏଚ୍‌ସି-ଆର୍‌ସିବି

ଆଇପିଏଲ୍ ବିଜୟ ଉତ୍ସବ ପାଳନ ଅବସରରେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଦଳାଚକଟା ମାମଲାରେ ଗିରଫ ହୋଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଆର୍.ସି.ବି. ମାର୍କେଟିଂ ମୁଖ୍ୟ ଏବଂ ଅନ୍ୟ ତିନି ଜଣଙ୍କୁ କର୍ଣ୍ଣାଟକ ହାଇକୋର୍ଟ ଆଜି ସର୍ତ୍ତମୂଳକ ଅନ୍ତରୀଣ ଜାମିନ ପ୍ରଦାନ କରିଛି। ବିଚାରପତି ଏସ୍.ଆର୍. କୃଷ୍ଣ କୁମାର ରାୟ ପ୍ରଦାନ ଅବସରରେ କହିଛନ୍ତି, ଦଳାଚକଟା ଘଟଣା ପାଇଁ ବ୍ୟକ୍ତିଗତ ସମ୍ପୃକ୍ତି ପ୍ରମାଣିତ ନ ହେବା

ଯାଏଁ ସେମାନେ ଜେଲ୍‌ରେ ରହିପାରିବେ ନାହିଁ। ଅନ୍ତରୀଣ ଜାମିନର ବିଭିନ୍ନ ସର୍ତ୍ତଗୁଡ଼ିକ ମଧ୍ୟରେ ଆବେଦନକାରୀମାନେ ତଦନ୍ତରେ ସହଯୋଗ କରିବେ, କୌଣସି ପ୍ରମାଣ ନଷ୍ଟ କରିବେ ନାହିଁ, ଦୁଇଜଣ ଜାମିନଦାରଙ୍କ ସହିତ ଏକ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡ କାର୍ଯ୍ୟକାରୀ କରିବେ। ଏଥିସହ ମୁକ୍ତ ହେବାର ଦୁଇ ସପ୍ତାହ ମଧ୍ୟରେ ଟ୍ରାଏଲ କୋର୍ଟରେ ସେମାନଙ୍କର ପାସପୋର୍ଟ ଜମା କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

ଆଇସିସି କ୍ରିକେଟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଲଣ୍ଡନର ଲର୍ଡସରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଅଷ୍ଟ୍ରେଲିଆ ତା'ର ଦ୍ୱିତୀୟ ଇନିଂସରେ କୌଣସି ୱିକେଟ୍ ନ ହରାଇ ୧୫ ରନ୍ ସଂଗ୍ରହ କରିଛି।

ଦକ୍ଷିଣ ଆଫ୍ରିକା ଦଳ ସମସ୍ତ ୱିକେଟ୍ ହରାଇ ତା'ର ପ୍ରଥମ ଇନିଂସରେ ୧୩୮ ରନ୍ ସଂଗ୍ରହ କରିଥିଲା। ଏଥିସହ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୭୪ ରନ୍‌ରେ ଆଗୁଆ ରହିଛି।

ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ଦଳ ଅଷ୍ଟ୍ରେଲିଆକୁ ୨୧୨ ରନ୍‌ରେ ସୀମିତ ରଖିଥିଲା। ଦ୍ରୁତ ବୋଲର କାର୍ଗିସୋ ରାବାଡ଼ା ୫୧ ରନ୍ ଦେଇ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ଆକାଶବାଣୀ ପକ୍ଷରୁ ହିନ୍ଦୀ

ଏବଂ ଇଂରାଜୀରେ ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ଫାଇନାଲ ମ୍ୟାଚ୍‌ର ସିଧାପ୍ରସାରଣ କରାଯାଉଛି। ଏହାର ଆମର ଇନ୍ଦ୍ରପ୍ରସ୍ଥ ଓ ଅନ୍ୟାନ୍ୟ ଚ୍ୟାନେଲରେ ଅପରାହ୍ନ ୨ଟା ୫୫ରୁ ରାତି ୧୦ଟା କିମ୍ବା ମ୍ୟାଚ୍‌ର ଶେଷ ପର୍ଯ୍ୟନ୍ତ ଶ୍ରୋତାମାନେ ଶୁଣିପାରିବେ।